ଏହା କ'ଣ ୫ଟିର ସ୍ୱଚ୍ଛ ବ୍ୟବସ୍ଥା

ଜମି ହରାଇବାର ୮ ବର୍ଷ ପରେ ଜମି ଖଜଣା ଦେବା ପାଇଁ ନୋଟିସ

ଲେଫ୍ରିପଡା, ୪।୧୨ (ଶ୍ରୁମି.) : ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଶାସନ ଦେବା ଉଦ୍ଦେଶ୍ୟରେ ସରକାର ବିଗତ ଦିନରେ ୫ଟି ର ବ୍ୟବସ୍ଥା କରି ଏଥିପାଇଁ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଏହାର ସଫଳ କ୍ରିୟାନ୍ୱୟନ ପାଇଁ ମଧ୍ୟ ଦାୟିତ୍ୱ ଦେଇଥିଲେ । ତେବେ ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଞ୍ଚଳର ଲେଫ୍ରିପଡା ବ୍ଲକର ଦର୍ଲିପାଲିଠାରେ ପ୍ରତିଷ୍ଠା ହୋହଇଥିବା ଏନଟିପିସି ପାଇଁ ୨୦୧୮୭ରେ ଜିଲ୍ଲା ପ୍ରଶାନ ଦର୍ଲିପାଲି ଗ୍ରାମରେ ପ୍ରାୟ ୧୧୯୮ ଏକର ଏବଂ ରାଏଡିହି ଗ୍ରାମରେ ୨୩୦ ଏକର ଜମି ଅଧିଗ୍ରହଣ କରାଯିବା ପରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାର କ୍ଷତିପୂରଣ ବାବଦରେ ଟଙ୍କା ମଧ୍ୟ ଦେଇ ସାରିଥିଲେ । କିନ୍ତୁ ଆଜିପର୍ଯ୍ୟନ୍ତ ଉଭୟ ପକ୍ଷ ଜିମ ହରାଇଥିବା ଚାଷୀ ଓ ଏନଟିପିସି କର୍ତ୍ତୃପକ୍ଷ ଅଧିଗ୍ରହଣ ହୋଇଥିବା ଜମିର କିଷମର ଓ ମାଲିକାନା ପରବର୍ତ୍ତନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ସତ୍ତ୍ୱେ ଏହି କାର୍ଯ୍ୟ ହୋଇନାହିଁ । ଫଳରେ ଆଜି ମଧ୍ୟ ସରକାରୀ ଖାତାରେ ଜମି ଦେଇ ଟଙ୍କା ନେଇଥିବା ଲୋକେ ମାଲିକ ହୋଇ ରହିଛନ୍ତି । ବାସ୍ତବରେ ସେମାନଙ୍କ ପାଖରେ ଜମି ନାହିଁ । ଅପରପଟେ ସରକାରୀ ଖାତାରେ ଏନଟିପିସି ଦ୍ୱାରା ଅଧିଗ୍ରହଣ ଜମିର ମାଲିକ ଜମି ଦେଇଥିବା ଚାଷୀମାନେ ହୋଇଥିବାରୁ ସେମାନଙ୍କ ନାମରେ ଜମିର ଖଜଣା ଦେବା ପାଇଁ ନୋଟିସ ଜାରି ହୋଇଥିବା ଜଣାପଡିଛି । ଏହି ଘଟଣା ଉପରେ ରାଜ୍ୟରେ ୫ଟି ର ସ୍ୱଚ୍ଛତାକୁ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଅଚଳ

ଲେଫ୍ରିପଡା, ୪।୧୨ (ଶ୍ରୁ.ମି) : ଲେଫ୍ରିପଡା ବ୍ଲକର ଅଲାପକା ପଞ୍ଚାୟତକୁ କିଛି ଅଞ୍ଚଳରୁ ଆସୁଥିବା ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ପରିସରରେ ଏକ ଆରଓ ପ୍ଲାଣ୍ଟ ସ୍ଥାପନା ହୋଇଥିଲା । ତେବେ ସ୍ଥାପନାର କିଛି ଦିନ ପରେ ପ୍ରକଳ୍ପଟି ଅଚଳ ହୋଇଯିବାରୁ ଲୋକେ ପାନୀୟ ଜଳ ଟୋପାଏ ପାଇପାରୁନାହାନ୍ତି । ତେବେ ସବୁଠାରୁ ବଡ ଆଶ୍ଚର୍ଯ୍ୟର ବିଷୟ କି ଯେ ସରକାରୀ ଅଫିସ ମଧ୍ୟରେ ଏପରି ଅବ୍ୟବସ୍ଥା ଥିବାବେଳେ କେହି ମଧ୍ୟ ସମସ୍ୟାର ସମାଧାନ ପାଇଁ ମନ ନ ଦେବା ଚିନ୍ତାର ବିଷୟ ।

ପାଳ ଗଦାରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି

ତଲସରା, ୪।୧୨ (ଶ୍ରୁ.ମି) : ତଲସରା ଥାନା ଅଞ୍ଚଳ ତଥା ସବଡେଗା ବ୍ଲକର ଲତାଡେଗା ଗ୍ରାମରେ ରହୁଥିବା ଫ୍ରାନ୍ସିସ ଟପ୍ପୋଙ୍କ ଚାଷ ଜମିରେ ଗଦା ହୋଇଥିବା ପାଳ ଗଦାରେ କୌଣସି କାରଣ ବଶତଃ ନିଆଁ ଲାଗିଯାଇଥିଲା । ଖବର ପାଇ ଅଗ୍ନିଶମ ବିଭାଗ ଆସି ନିଆଁକୁ ଲିଭାଇଥିଲେ । ତେବେ ଏହି ଅଗ୍ନିକାଣ୍ଡରେ ଆଖପାଖର ଜମିରେ ଥିବା ଧାନ ଫସଲ ମଧ୍ୟ ନଷ୍ଟ ହୋଇଯାଇଥିବା ଜଣାପଡିଛି ।

ସଂଘର ବରିଷ୍ଠ ଅଧିକାରୀଙ୍କ ଦେହାନ୍ତ

ରାଉରକେଲା, ୪।୧୨ (ଶ୍ରୁ.ମି) : ରାଉରକେଲାରେ ନାକେବଳ ସଂଘର କାର୍ଯ୍ୟର ବିସ୍ତାର କରିବାରେ ସଂଘର ବିବିଦ୍ଧ କ୍ଷେତ୍ରର କାର୍ଯ୍ୟର ମୂଳଦୁଆ ପକାଇବା ସହ ସମସ୍ତ ସହଯୋଗ କରିବାରେ ସର୍ବଦା ଅଗ୍ରଣି ଭୂମିକା ନେଇଥିବା ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଜେଠମଲ୍ଲ ଭଟ୍ଟର ଜୀଙ୍କର ଆଜି ଦିଲ୍ଲୀସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି । ଶ୍ରୀ ଭଟ୍ଟରଙ୍କୁ ପ୍ରାୟ ୯୦ ବର୍ଷ ବୟସ ହୋଇଥିଲା । ଶ୍ରୀ ଭଟ୍ଟରଙ୍କ ଦେହାନ୍ତର ଖବର ପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ସଂପାଦକ ଜୁଏଲ ଓରାମ ସ୍ୱର୍ଗତ ଭଟ୍ଟରଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଭଟ୍ଟରଙ୍କ ମୃତ୍ୟୁ ଖବର ପାଇ ସୁନ୍ଦରଗଡ ଜିଲ୍ଲାରେ ସଂଘ ପରିବାରରେ ଶୋକର ଛାୟା ଖେଳିଯାଇଛି ।

ଦାଉଲୀରେ ହାଣି ସ୍ତ୍ରୀକୁ ହତ୍ୟା

କୋଇଡା, ୪।୧୨ (ଶ୍ରୁ.ମି) : କୋଇଡା ଥାନା ଅଞ୍ଚଳର କପଣ୍ଡ ଗ୍ରାମରେ ରହୁଥିବା ବୁଧୁମୁଣ୍ଡା ନାମକ ଜଣେ ବ୍ୟକ୍ତି ପାରିବାରିକ କଳହକୁ ନେଇ ନିଜ ସ୍ତ୍ରୀ ସମ୍ବାରୀକୁ ଏକ ଦାଉଲୀରେ ହାଣି ଦେବାରୁ ସମ୍ବାରୀର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଏସମ୍ପନ୍ଧରେ ଖବର ପାଇ ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୁକ୍ତ ସ୍ୱାମୀ ବୁଧୁକୁ ଗିରଫ କରିଥିବା ଜଣାପଡିଛି ।

ମୋଟରସାଇକେଲା ସହ ମଦ ଜବତ : ୨ ଗିରଫ

ଉଷ୍ଣା, ୪।୧୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ଉଷ୍ଣା ଥାନା ଅଞ୍ଚଳର କିଛି ଦିନ ହେବ ଦେଶୀ ମଦର ଚୋରା କାରବାର ବୃଦ୍ଧି ପାଇଥିବା ନେଇ ଅଭିଯୋଗ ହୋଇ ଆସୁଥିବାବେଳେ ଗତକାଲି ପୋଲିସ ପେଟ୍ରୋଲିଙ୍ଗ ବେଳେ ରାସ୍ତା ଉପରେ ଥିବା ଏକ ବାଇକ ନମ୍ବର ଓଡି ୧୬ ସି ୫୦୭୯କୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ୨୫ ଲିଟର ଦେଶୀ ମଦ ଜବତ ହୋଇଥିଲା । ଏହି ଘଟଣାରେ ପୋଲିସ ରାଜେନ୍ଦ୍ର ମୁଣ୍ଡା ଏବଂ ସୁବ୍ରଧନ ନାଏକ ସମେତ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି ।

ହାତୀ ଆକ୍ରମଣରେ ମହିଳା ଆହତ

ବାଲିଶଙ୍କରା, ୪।୧୨ (ଶ୍ରୁ.ମି) : ସୁନ୍ଦରଗଡ ବନଖଣ୍ଡ ଅଞ୍ଚଳରେ ଥିବା ବାଲିଶଙ୍କରା ରେଞ୍ଜର କିଞ୍ଜିରିକେଲା ସେକ୍ସନର ବନ୍ଧବାହାଲ ଗ୍ରାମରେ ରହୁଥିବା ପ୍ରତୀମା ଚୌଧୁରୀ ନାମକ ଜଣେ ମହିଳା ସକାଳେ ଶୌଚ ପାଇଁ ଯାଇଥିବାବେଳେ ହାତୀ ହାବୁଡରେ ପଡିଯାଇ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି । ଖବର ପାଇ ପରିବାର ଲୋକେ ଚିକିତ୍ସା ପାଇଁ ପ୍ରତିମାକୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି ।

ଆରଟିଓରେ ଦଲାଲି ରାଜ ବିରୁଦ୍ଧରେ କଂଗ୍ରେସର ବିକ୍ଷୋଭ



ରାଉରକେଲା, ୪।୧୨ (ଶ୍ରୁ.ମି) : ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦଲାଲୀ ରାଜର ମୂଳୋତ୍ପାଟନ ପାଇଁ ସରକାର ଅନେକ ପଦକ୍ଷେପ ନେଉଥିବାବେଳେ ଖୋଦ ଆରଟିଓ ଅଫିସରେ କାମ କରୁଥିବା କେତେକ ଅସାଧୁ କର୍ମଚାରୀମାନେ ଆଜି ମଧ୍ୟ କେତେକ ଦଲାଲମାନଙ୍କ ହାତ ବାରିସି ସାଜି ଅନେକ ପ୍ରକାରର ବେଆଇନ କାର୍ଯ୍ୟ କରିଚାଲିଥିବା ନେଇ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇ ଆଜି ଆରଟିଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରର୍ଦଶନ କରାଯାଇଥିଲା । ଯୁବ ନେତା ପ୍ରବୋଧ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ କର୍ମିମାନେ ଆରଟିଓଙ୍କୁ ସାକ୍ଷାତ କରି ଗାଡି ମାଲିକମାନଙ୍କ ବିନା ସାକ୍ଷରରେ ଗାଡି କିଣାବିକା ଏବଂ ମାଲିକାନା ହସ୍ତାନ୍ତର ମାମଲାର ଅଭିଯୋଗ ଆଣିବା ସହ ଏପରି ବେଆଇନ କାର୍ଯ୍ୟରେ ଲିପ୍ତ କର୍ମଚାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରି ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିବା ଜଣାପଡିଛି । ଏହି ବିକ୍ଷୋଭରେ କଂଗ୍ରେସ ଦଳର ଯୁବ ନେତା ଶିବୁ ଦୀପା, ବାସୁବାନାର୍ଜୀ ସମେତ ବହୁ ନେତାମାନେ ମଧ୍ୟ ଉପସ୍ଥିତଥିଲେ ।

ପ୍ରଶିକ୍ଷଣ ଶିବିର ପାଇଁ ଢେଙ୍କାନାଳ ବିଜେପିର ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୪।୧୨ (ଶ୍ରୁ.ମି) : ରାଜ୍ୟ ବିଜେପିର ନିଷ୍ପତିନୁଯାୟୀ ଆଜି ପୂର୍ବାହ୍ନରେ ଢେଙ୍କାନାଳ ବିଜେପିର ପ୍ରଶିକ୍ଷଣ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ସଂଖ୍ୟାରେ ଯୁବବର୍ଗ ଓ ଅନ୍ୟବର୍ଗର ଜନସାଧାରଣ ଦଳରେ ଯୋଗ ଦେଇଥିବାରୁ ସେମାନଙ୍କୁ ଦଳର ଇତିହାସ, ଆଭିମୁଖ୍ୟ, ଭବିଷ୍ୟତ ଚିନ୍ତାଧାରା ଓ ଏହା ମଧ୍ୟରେ ଦଳ ନେଇଥିବା ବିଭିନ୍ନ ଐତିହାସିକ ପଦକ୍ଷେପ ଓ ଜନହୀତକର କାର୍ଯ୍ୟକ୍ରମ ବାବଦରେ ଅବଗତ କରିବା ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ । ଏହିପରିପ୍ରେକ୍ଷୀରେ ଚଳିତ ମାସ ୧୩ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୩୧ଟି ମଣ୍ଡଳରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଜିଲ୍ଲା ତଥା ରାଜ୍ୟର ବରିଷ୍ଠ ନେତୃବୃନ୍ଦ ଏହି ଶିବିରରେ ଉପସ୍ଥିତ ରହି କାର୍ଯ୍ୟକର୍ତାମାନଙ୍କୁ ପ୍ରଶିକ୍ଷିତ କରାଇବେ ବୋଲି ଆଜିର ବୈଠକରେ ନିଷ୍ପତି ନିଆଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରାକ୍ତନ ସାଂସଦ ରୁଦ୍ରନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ଭୂଷଣ ପ୍ରଧାନ, ଶତୃଘନ ଜେନା, ଅଶୋକ ନାୟକ, ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ଉପସଭାପତି ନବକିଶୋର ଗୁରୁ, ରତିକାନ୍ତ ସାହୁ, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲ୍ଲା ସଂପାଦକ ମାତୃପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ଦୀପକ ଗୋଚ୍ଛାୟତ, ବରିଷ୍ଠ ନେତା ପବିତ୍ର ମୋହନ ବିଶ୍ୱାଳ, ପ୍ରମୋଦ କୁମାର ନନ୍ଦ, ଦୁର୍ଗାଚରଣ ସାହୁ, ସଞ୍ଜିବ ମହାପାତ୍ର, ସୁଶାନ୍ତ ପତି ଓ ଏମ୍‌ଜେ ମହିମା ପ୍ରମୁଖ ଉପସ୍ଥିତ ଥିଲେ ।

ସଡକ ଦୂର୍ଘଟଣାରେ ୩ ଗୁରୁତର

ଢେଙ୍କାନାଳ,୪।୧୨ (ଶ୍ରୁ.ମି) : :ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା କୀର୍ତନପୁର ଗ୍ରାମ ନିକଟରେ ସଡକ ଦୂର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଥିବାର ଜଣାପଡିଛି । ସୂଚନା ଅନୁଯାୟୀ ଡୋଲୀଆ ଗ୍ରାମର ଚନ୍ଦନ ସିଂହ,ମନୋଜ ନାହାକ,ଅମ୍ବୁଜ ସିଂହ କଙ୍କଡାହାଡରୁ ନିଜ ଗ୍ରାମ ଡୋଲୀଆକୁ ଫେରୁଥିବା ବେଳେ କୀର୍ତନପୁର ପାଖରେ ଏକ ବୁଲାଣିରେ ମୋଟର ସାଇକେଲର ଭାରସାମ୍ୟ ହରାଇ ଏକ ମିକଶ୍ଚର ମେସିନ ସହ ଧକ୍କା ହୋଇଥିଲେ । ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀ ମାଧ୍ୟମରେ ୩ ଜଣଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତି କରାଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

ସଡ଼କ ଦୁର୍ଘଟଣାରେ ୫ ଆହତ

ରାଉରକେଲା/ବଣେଇଗଡ, ୪।୧୨ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ପ୍ଲାଣ୍ଟସାଇଟ ଥାନା ଅଞ୍ଚଳର ବିଶ୍ରା ଛକ ବନ୍ଧମୁଣ୍ଡା ରାସ୍ତାରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ବୈଦ୍ୟନାଥ ସିଂହ ନାମକ ଜଣେ ଆହତ ହୋଇଥିବାବେଳେ ବଣେଇଗଡ ଥାନା ଅଞ୍ଚଳର କଲେଇପୋଷ କୋଇଡା ରୋଡର ଟେମ୍ବାର ୨ ନମ୍ବର ଘାଟି ରେ ହୋଇଥିବା ଏକ ଦୁର୍ଘଟଣାରେ ୨ ଜଣ ଯୁବକ ଆହତ ହୋଇଥିବା ଜଣାପଡିଛି । ସେହିପରି ରାଜଗାଙ୍ଗପୁର ଥାନା ଅଞ୍ଚଳର ଖଣିବନ୍ଧ ଠାରେ ଥିବା ଦଲାନ ପେଟ୍ରୋଲ ପମ୍ପ ନିକଟରେ କୋଇଡାରୁ ସୁନ୍ଦରଗଡ ଯାଉଥିବା ଏକ ଟ୍ରଲର ଓଆର ୧୫ ଇ ୫୩୪୯ର ଚାଳକ ଭାରସାମ୍ୟ ହରାଇବାରୁ ଗାଡିଟି ବିଜୁ ଏକ୍ସପ୍ରେସ ୱେରେ ଓଲଟି ପଡିଥିଲା । ଫଳରେ ସେହି ବାଟରେ ସାଧାରଣ ଯାତାୟତ ବାଧାପ୍ରାପ୍ତ ହୋଇଥିଲା ।

ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ ସୁସ୍ଥଙ୍କ ସଂଖ୍ୟା ୧୬

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲାରେ ଆଜି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ସିମୀତ ରହିଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ୧୬ରେ ପହଁଚିଥିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଚିହ୍ନଟ ଆକ୍ରାନ୍ତ ମଧ୍ୟରୁ କାମାକ୍ଷାନଗର ବ୍ଲକର ବୁଢିବିଲି ଓ ଦଧିଖାଇ ଅଂଚଳରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟପଟେ ଆଜିସୁଦ୍ଧା ୧ଲକ୍ଷ ୩୩ ହଜାର୧୯୨ ଜଣଙ୍କର ପରୀକ୍ଷା ସରିଥିବା ବେଳେ ୫ହଜାର ୬୩୪ଜଣଙ୍କର କରୋନା ପଜିଟିଭ ଚିହ୍ନଟ ହୋଇଥିଲା । ସେଥିମଧ୍ୟରୁ ୫ହଜାର ୫୬୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୩୯ ଜଣ ଆକ୍ରାନ୍ତ ବର୍ତମାନ ଚିକିତ୍ସାଧିନ ରହିଥିବା ସଙ୍ଗେ ସଙ୍ଗେ ୨୭ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଶ୍ରୀ ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ

ରାଜଗାଙ୍ଗପୁର, ୪।୧୨ (ଶ୍ରୁ.ମି) : ରାଜଗାଙ୍ଗପୁର ପୌରପାଳିକାର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡା ଆଜି ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି । ଶ୍ରୀ ପଣ୍ଡାଙ୍କୁ ଆଜି ରାଜଗାଙ୍ଗପୁର ସହରର ମାନ୍ୟଗଣ୍ୟ ବ୍ୟକ୍ତି ସମେତ ସାମ୍ବାଦିକମାନେ ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ପୌରପାଳିକା ଅଧିନରେ ଥିବା ଅଞ୍ଚଳର ପ୍ରଗତି ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମଶାରୀ ବଂଟନର ଶୁଭାରମ୍ଭ

ଢେଙ୍କାନାଳ,୪।୧୨(ଶ୍ରୁ.ମି) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ଗ୍ରାମ ପଂଚାୟତର କଲୋନୀ ନଂ.୩ କୋଠଘର ଠାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଖୁଆପାଳ ଗ୍ରାମ କଲ୍ୟାଣ ସମିତି ପକ୍ଷରୁ ମଶାରୀ ବଂଟନ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି । ମୂଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା.ନୃସିଂହ ଚରଣ ସାହୁ ମଶାରୀ ବଂଟନ କାର୍ଯ୍ୟର ଶୁଭାରମ୍ଭ କରି ପରିବେଶକୁ ପରିଷ୍କାର ରଖିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ସରକାରଙ୍କ ଦ୍ୱାରା କରାଯାଉଥିବା ଜନକଲ୍ୟାଣ କାର୍ଯ୍ୟର ସୁଯୋଗ ନେବା ସହ ଜନ ସାଧାରଣ ସରକାରଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଧିକାରୀ ଡା.ସୁଜାତାରାଣୀ ମିଶ୍ର,ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପରଜଙ୍ଗ ବିଡିଓ ବସନ୍ତ କୁମାର ମଲିକ,ଆଖୁଆପାଳ ସରପଂଚ ପ୍ରଦୀପ କୁମାର ବେହେରା ପ୍ରମୂଖଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ ।

ଅଗ୍ନିକାଣ୍ଡ ଗ୍ରାମକୁ ବିଧାୟକଙ୍କ ପରିଦର୍ଶନ ଓ ସହାୟତା ପ୍ରଦାନ

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ଗତକାଲି ଢେଙ୍କାନାଳ ଜିଲ୍ଲା ସଦର ବ୍ଲକର ଶଙ୍କରପୁର ପଂଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ ଟି ପରିବାରର ଘର ପୋଡି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତି ଭସ୍ମୀଭୁତ ହୋଇଯାଇଥିଲା । ଖବର ପାଇ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ ଉକ୍ତ ଗ୍ରାମକୁ ଯାଇ ଅଗ୍ନିକାଣ୍ଡ ଦ୍ୱାରା ପ୍ରଭାବିତ ହୋଇଥିବା ୫ଟି ପରିବାରଙ୍କ ପାଖରେ ପହଁଚିଥିଲେ । ଏହି ଅବସରରେ ଶ୍ରୀ ସାମଲ ଉକ୍ତ ବିପନ୍ନ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ସହିତ ପିନ୍ଧା ବସ୍ତ୍ର ଓ ଶୀତବସ୍ତ୍ର ପ୍ରଦାନ କରିଥିଲେ । ସରକାରଙ୍କ ତରଫରୁ ନିୟମାନୁଯାୟୀ ଯାହା ସାହାଯ୍ୟ ମିଳିବାର ଥିବ ତାକୁ ପାଇବା ପାଇଁ ଚେଷ୍ଟା କରାଯିବ ବୋଲି ଶ୍ରୀ ସାମଲ କହିଥିବା ବେଳେ ଗ୍ରାମର ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ଲୋକମାନଙ୍କୁ ପଚାରି ବୁଝିଥିଲେ ।

୫ ଲକ୍ଷ ଟଙ୍କା ଦେଇ ପରୀ ମାମଲାକୁ ଚପାଇ ଦେବାକୁ ଉଦ୍ୟମ

ନ୍ୟାୟ ଦେବା ପାଇଁ ଢେଙ୍କାନାଳ ବିଜେପିର ରଣହୁଙ୍କାର

ଢେଙ୍କାନାଳ,୪।୧୨ (ଶ୍ରୁ.ମି) :ନୟାଗଡର ଜଦୁପୁରରେ ଘଟି ଯାଇଥିବା ଲୋମହର୍ଷଣକାରୀ ନାବାଳିକା ପରୀ ହତ୍ୟାକାଣ୍ଡ ଘଟଣାକୁ ପୋଲିସ ପରିବାରକୁ ୫ ଲକ୍ଷ ଟଙ୍କା ନିଅ ଘଟଣାରେ ଅନ୍ୟସଦସ୍ୟ ସମ୍ପୃକ୍ତ ଥିବାର କୁହ ବୋଲି କହି ମାମଲାର ମୋଡ ବଦଳାଇଦେବା ସହ ଚପାଇ ଦେବାକୁ ଉଦ୍ୟମ କରିବା ଘଟଣାକୁ ନେଇ ନାବାଳିକା ପରୀ ପରିବାରକୁ ନ୍ୟାୟ ଦେବା ପାଇଁ ଢେଙ୍କାନାଳ ବିଜେପି ପକ୍ଷରୁ ଟାଉନ ହଲ ଠାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ରଣହୁଁକାର ଦିଆଯାଇଛି । ଏହାକୁ ନେଇ ଢେଙ୍କାନାଳ ବିଜେପି ଗାଁକୁ ଗାଁ ବୁଲି ସରକାରଙ୍କ ଅସଲ ମୁଖା ଖୋଲାଯିବ ବୋଲି ସୂଚନା ଦେଇଛନ୍ତି । ଆଇନ୍ ଆଗରେ ବଡସାନର ବିଭେଦ ନାହିଁ । ପରୀ ଗରିବ ଅଟୋ ଡ୍ରାଇଭର ଝିଅ । ପରୀର ଅପହରଣ ଓ ହତ୍ୟା ଏକ ଛୋଟ ଘଟଣା ନୁହେଁ । ପରୀକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସରକାରଙ୍କୁ ଚାପରେ ରଖିବା ପାଇଁ ବିଧାନସଭାରେ ଲମ୍ବା ସମୟ ପାଇଁ ବିତର୍କର ଆବଶ୍ୟକ ଥିଲା । ମାତ୍ର ଶାସକ ବିଜେଡି ଓ କଂଗ୍ରେସ୍ ଏକାଠି ଯୋଡି ହୋଇ ଷଡଯନ୍ତ୍ର କରି ଗରିବ ବାପା ମା'ର ଝିଅ ପରୀକୁ ନ୍ୟାୟ ଦେବା ପରିବର୍ତେ ଅଭିଯୁକ୍ତଙ୍କୁ ଘଂଟ ଘୋଡାଇବା ସହ ମନ୍ତ୍ରୀ ଅରୁଣ ସାହୁଙ୍କୁ ସୁରକ୍ଷା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଢେଙ୍କାନାଳ ଜିଲ୍ଲା ବିଜେପି ଏକ ସାମ୍ବାଦିକ ସମ୍ମିଳନୀରେ ପରୀର ବିବାଦ ଛୋଟ ଝିଅ ଅପହରଣରୁ ଆରମ୍ଭ ହୋଇଛି ଏବଂ ଅପହରଣ ପରେ ହତ୍ୟାର ସଙ୍ଗୀନ ସତ୍ୟ ସାମ୍ନାକୁ ଆସିଛି ବୋଲି ନେତୃବୃନ୍ଦ ସୂଚନା ଦେଇଥିଲେ । ପରୀର ବାପା ମା', ତାଙ୍କ ଝିଅର ଆଖି, କିଡ୍‌ନୀ ଚୋରିଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ପରୀର ମରଶରୀର ଉଦ୍ଧାର ହେଲାବେଳକୁ ସମ୍ପୂର୍ଣ୍ଣ ଭାବେ ମିଳାଇଯାଇଥିବା କହି ଝିଅଟିକୁ ଦୁଷ୍କର୍ମ କରାଯାଇଥିଲା କି ନାହିଁ ତା'ର ପ୍ରମାଣ ନାହିଁ ବୋଲି ବିଧାନସଭାରେ ଖୋଦ୍ ଗୃହ ରାଷ୍ଟ୍ରମନ୍ତ୍ରୀ ବିବୃତି ଦେବା ସହ ଅସହାୟତା ପ୍ରକାଶ କରିଛନ୍ତି । ଘଟଣା ୪ମାସ ବିତିଯାଇଥିଲେ ମଧ୍ୟ ପୋଲିସ୍ ତଦନ୍ତ କରୁଛି ବୋଲି କହିଚାଲିଥିଲା । ନୟାଗଡ ବୋଲିସ୍ ଅଭିଯୋଗକାରୀ ପରୀର ବାପା, ମା' ଓ ତାଙ୍କର ବଡବାପା ବଡମା'ଙ୍କ ପଲିଗ୍ରାଫ୍ ଟେଷ୍ଟ କରିଛନ୍ତି । ବାବୁଲି ନାୟକ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ନାମ ପରୀର ବାପା ମା' ବାରମ୍ବାର କହିବା ସତ୍ତ୍ୱେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉନାହିଁ । ସ୍ଥାନୀୟ ପୋଲିସ୍ ୫ଲକ୍ଷ ଟଙ୍କା ନେଇ ପରୀର ବଡବାପା ଓ ବଡମା'ଙ୍କ ନାମରେ ଅଭିଯୋଗ ଆଣିଲେ ପରୀର ପ୍ରତିମୂର୍ତୀ ସ୍ଥାନୀୟ ସ୍କୁଲ୍‌ରେ ପ୍ରତିଷ୍ଠା କରିବା ସହ ପରୀ ନାମରେ ପୁରସ୍କାର ଦିଆଯିବ ବୋଲି ପ୍ରଭାବିତ କରୁଛନ୍ତି ବୋଲି ପରୀର ବାପା ଓ ମା' ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଅପରପକ୍ଷେ ସ୍ଥାନୀୟ ସରପଂଚଙ୍କ ସହ ମନ୍ତ୍ରୀ ଅରୁଣ ସାହୁଙ୍କ ଦୁଇଟି ଭାଇରାଲ୍ ଭିଡିଓ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଜଣାଯାଉଛି କି, ମନ୍ତ୍ରୀଙ୍କର ଏ ଘଟଣାରେ ସଂପୃକ୍ତି ଅଛି । ଅନ୍ୟ ଏକ ଭିଡିଓରେ ପରୀ ହତ୍ୟାର ଅଭିଯୁକ୍ତ କୁହାଯାଉଥିବା ବାବୁଲି ନାୟକ ଭୁବନେଶ୍ୱରରେ ତାଙ୍କୁ ସାକ୍ଷାତ କରିଥିବା ନେଇ ମନ୍ତ୍ରୀ ସ୍ପଷ୍ଟ ଭାବେ କହୁଥିବା ଶୁଣାଯାଉଛି । ବିଧାନସଭାରେ ବିରୋଧି ଦଳ ନେତା ପ୍ରଦୀପ୍ତ ନାୟକ ବାରମ୍ବାର ଏହି ପସଙ୍ଗକୁ ଉଠାଇବା ସତ୍ତ୍ୱେ ମନ୍ତ୍ରୀ ପରୀ ହତ୍ୟାକାଣ୍ଡରେ ମର୍ମାହତ ବୋଲି କହି ଏଡାଇ ଯାଇଛନ୍ତି । ରାଜ୍ୟ ସରକାର ଏହି ଅଙ୍ଗ ତସ୍କରି ଘଟଣାରେ ସଂପୂର୍ଣ୍ଣ ହାତ ଟେକିଦେଇଛନ୍ତି । ରିପୋର୍ଟ ଅନୁଯାୟୀ ୨୦୧୭-୧୮ ଓ ୨୦୧୮-୧୯ରେ ରାଜ୍ୟରେ ୫୩୨୩ ଶିଶୁ ନିଖୋଜ ଅଛନ୍ତି । ପରୀର ବାପା ମା' ବାବୁଲି ନାୟକଙ୍କ ଦ୍ୱାରା ଅଙ୍ଗ ତସ୍କରି ଓ ଏଥିରେ ଅରୁଣ ସାହୁଙ୍କ ହାତ ଅଛି ବୋଲି ଅଭିଯୋଗ କରୁଛନ୍ତି । ଉପରୋକ୍ତ ଘଟଣାକୁ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇ ରାଜ୍ୟ ସରକାର ଓ ତାଙ୍କ ପୋଲିସ୍ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି । ଏଣୁ ନୀରପେକ୍ଷ ପରୀ ହତ୍ୟାକାଣ୍ଡ ତଦନ୍ତ କେବଳ ସିବିଆଇ ଦ୍ୱାରା ସମ୍ଭବ । ଏହି ପରିସ୍ଥିତିରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଓ ଘଟଣାର ସିବିଆଇ ତଦନ୍ତ ଆଜି ସାମ୍ବାଦିକ ସମ୍ମିଳନୀରେ ଦାବୀ କରାଯାଇଅଛି । ଏ ଘଟଣା ଜନସାଧାରଣଙ୍କ ମାନସପଟକୁ ନେବା ପାଇଁ ଢେଙ୍କାନାଳ ବିଜେପି ଆସନ୍ତା ୧୭ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାରୋଟି ବିଶାଳ ପଦଯାତ୍ରା କରିବ ବୋଲି ସୂଚନା ଦେବା ଦେଇଛି ଏବଂ ପରୀକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେପିର ସଂଗ୍ରାମ ଜାରି ରହିବ । ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆହୁତ ଆଜିର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ତଥା ଢେଙ୍କାନାଳ ଜିଲ୍ଲା ବିଜେପି ପ୍ରଭାରୀ ପ୍ରଭାତୀ ପରିଡା, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ଭୂଷଣ ପ୍ରଧାନ, ଶତୃଘନ ଜେନା, ଅଶୋକ ନାୟକ ଓ ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ଉପସ୍ଥିତ ରହି ଉପରୋକ୍ତ ତଥ୍ୟ ରଖିବା ସହ ସୂଚନା ଦେଇଥିଲେ ।